# NATIONAL NEWS BULLETIN (ODIA)

## 14 April - 2025

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ହରିଆଣା ଗସ୍ତରେ ଯାଇ ଆଜି କେତେକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ଜନ୍ମ ବାର୍ଷିକୀରେ ଆଜି ସମଗ୍ର ଦେଶ ପ୍ରଦାନ କରୁଛି ଶ୍ରଦ୍ଧାଞ୍ଜଳୀ ।
- ମହାବିଷୁବ ସଂକ୍ରାନ୍ତି ପାଳନ ଅବସରରେ ଓଡ଼ିଶାରେ ଆଜି ପାଳନ କରାଯାଉଛି ଓଡ଼ିଆ ନବବର୍ଷ ।
- ସ୍ମାର୍ଟ୍‌ଫୋନ୍, କମ୍ପ୍ୟୁଟର, ସେମିକଣ୍ଡକ୍ଟର ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯନ୍ତ୍ରାଂଶ ଆମଦାନୀ ଉପରେ ଆଗାମୀ ଦୁଇ ମାସ ମଧ୍ୟରେ ଆମେରିକା ଲାଗୁ କରିବା ପୃଥକ ଶୁଳ୍କ ନୀତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ।

# ପିଏମ୍‌-ହରିଆଣା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ହରିଆଣା ଗସ୍ତରେ ଯାଇ ସକାଳେ ହିସାରରେ ପହଞ୍ଚିବେ । ଆମ୍ବେଦକର ଜୟନ୍ତୀ ଅବସରରେ ହିସାରରୁ ଅଯୋଧ୍ୟାକୁ ବାଣିଜ୍ୟିକ ବିମାନ ଉଡ଼ାଣର ଶୁଭାରମ୍ଭ କରିବା ସହ ହିସାର ବିମାନ ବନ୍ଦରର ନୂତନ ଟର୍ମିନାଲ୍‌ କୋଠାର ଶିଳାନ୍ୟାଶ କରିବେ । ସେଠାରେ ଏକ ସାଧାରଣ ସଭାକୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ଏହା ପରେ ପ୍ରଧାନମନ୍ତ୍ରୀ ଯମୁନାନଗରରେ କେତେକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ସହ ଜନସମାବେଶରେ ଉଦ୍‌ବୋଧନ ଦେବେ । ଯମୁନାନଗରଠାରେ ଦୀନବନ୍ଧୁ ଛୋଟୁରାମ ତାପଜ ବିଦ୍ୟୁତ୍‌ କେନ୍ଦ୍ରର ୮୦୦ ମେଗାୱାଟ୍‌ ଆଧୁନିକ ତାପଜ ବିଦ୍ୟୁତ୍‌ ୟୁନିଟ୍‌ର ଶିଳାନ୍ୟାସ କରିବେ । ପ୍ରାୟ ୮ ହଜାର ୪୭୦ କୋଟି ବ୍ୟୟ ଅଟକଳରେ ୨୩୩ ଏକର ପରିମିତ ଅଞ୍ଚଳରେ ନିର୍ମିତ ଏହି ୟୁନିଟ୍‌ ହରିଆଣାର ଶକ୍ତି ଆତ୍ମନିର୍ଭରଶୀଳତାକୁ ଅଧିକ ତ୍ୱରାନ୍ୱିତ କରିବା ସହ ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ୍‌ ଯୋଗାଣକୁ ସୁନିଶ୍ଚିତ କରିପାରିବ । ଯମୁନାନଗରର ମୁକରାବପୁରଠାରେ ଏକ ବାୟୋଗ୍ୟାସ୍‌ ପ୍ଲାଣ୍ଟର ଶିଳାନ୍ୟାସ କରିବେ ।

ଭାରତମାଳା ପରିଯୋଜନା ଅଧୀନରେ ପ୍ରାୟ ୧ ହଜାର ୭୦ କୋଟି ଟଙ୍କା ବ୍ୟୟରେ ୧୪ ଦଶମିକ ୪ କିଲୋମିଟର ରେୱାରି ବାଇପାସ୍‌ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହାଦ୍ୱାରା ରେୱାରି ସହରରେ ଯାନବାହାନ ଚଳାଚଳ ସୁଗମ ହୋଇପାରିବ । ଦିଲ୍ଲୀ-ନା୍‌ରନୌଲ୍‌ ଯାତ୍ରା

ସମୟ ମଧ୍ୟ ହ୍ରାସ ପାଇବା ସହ ଆଞ୍ଚଳିକ, ଅର୍ଥନୈତିକ ଏବଂ ସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ।

## ଆମ୍ବେଦକର ଜୟନ୍ତୀ

ସମ୍ବିଧାନ ପ୍ରଣେତା ବାବାସାହେବ ଡକ୍ଟର ଭୀମରାଓ ରାମ୍‌ଜୀ ଆମ୍ବେଦକରଙ୍କ ୧୩୪ତମ ଜନ୍ମ ବାର୍ଷିକୀ ଆଜି ସମଗ୍ର ଦେଶରେ ପାଳନ କରାଯାଉଛି । ଏହି ଅବସରରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ନୂଆଦିଲ୍ଲୀର ସଂସଦଭବନ ପରିସରସ୍ଥିତ ପ୍ରେରଣାସ୍ଥଳଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ ଏବଂ ବିଶିଷ୍ଟ ବ୍ୟକ୍ତି ପୂର୍ବାହ୍ନରେ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବେ ।

ଡକ୍ଟର ଆମ୍ବେଦକର ସମାଜର ଅବହେଳିତ ବର୍ଗଙ୍କ ପ୍ରତି ସାମାଜିକ ଏବଂ ଜାତିଗତ ଭେଦଭାବକୁ ଦୂର କରିବା ଲକ୍ଷ୍ୟ ନେଇ ସାରା ଜୀବନ ନିଷ୍ଠାର ସହ କାର୍ଯ୍ୟ କରିଥିଲେ । ସ୍ୱାଧୀନ ଭାରତର ସେ ପ୍ରଥମ ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ୧୯୯୦ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରାଯାଇଥିଲା ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅବସରରେ ଏକ ବାର୍ତ୍ତାରେ କହିଛନ୍ତି, ବାବା ସାହେବଙ୍କ ପ୍ରେରଣାଦାୟୀ ଜୀବନ ଅନ୍ୟମାନଙ୍କ ପାଇଁ ଆଦର୍ଶ ହେବା ଉଚିତ୍ । ତାଙ୍କୁ ଜଣେ ଅଭୁତ ଦକ୍ଷତା ସମ୍ପନ୍ନ ଏବଂ ବହୁମୁଖୀ ବ୍ୟକ୍ତିତ୍ୱ ଭାବେ ବର୍ଣ୍ଣନା କରି ରାଷ୍ଟ୍ରପତି କହିଛନ୍ତି, ସମତାବାଦୀ ସମାଜର ସେ ଜଣେ ଦୃଢ଼ ସମର୍ଥକ ଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ମହିଳା ଏବଂ ଅବହେଳିତ ବର୍ଗର ଅର୍ଥନୈତିକ ଓ ସାମାଜିକ ଅଧିକାର ପାଇଁ ବାବା ସାହେବ ଆଜୀବନ ସଂଘର୍ଷ ଜାରି ରଖିଥିଲେ । ବିଭିନ୍ନ କ୍ଷେତ୍ରରେ ତାଙ୍କର ଅବଦାନ ଭବିଷ୍ୟତ ପିଢ଼ିକୁ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି ।

## ମହାବିଷୁବ ସଂକ୍ରାନ୍ତି

ଆଜି ହେଉଛି ପବିତ୍ର ମହାବିଷୁବ ସଂକ୍ରାନ୍ତି । ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମଋତୁ ଆଜିଠାରୁ ଆରମ୍ଭ ହେଉଛି । ଆଜିଠାରୁ ସୂର୍ଯ୍ୟଙ୍କ ତାପ ବଢ଼ିଥାଏ ଏବଂ ବାୟୁର ଗତି ମଧ୍ୟ ପ୍ରଖର ହୋଇଥାଏ । ଆଜି ଦିନକୁ ପଣାସଂକ୍ରାନ୍ତି ଭାବେ ମଧ୍ୟ ପାଳନ କରାଯାଇଥାଏ । ଓଡ଼ିଆ ପାଞ୍ଜି ହିସାବରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ଦିନ ଭାବେ ପାଳନ କରାଯାଇଥାଏ । ରାଜ୍ୟର ଲୋକମାନେ ପଣାସଂକ୍ରାନ୍ତିକୁ ଅତି ନିଷ୍ଠାର ସହ ପାଳନ କରିଥା'ନ୍ତି । ବିଷୁବ ସଂକ୍ରାନ୍ତିରେ ଦଣ୍ଡଯାତ୍ରା, ଚଡ଼କ ପର୍ବ, ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ଏବଂ ପାଟୁଆ ଯାତ୍ରା ଉଦ୍‌ଯାପିତ ହୋଇଥାଏ ।

ଏହି ଅବସରରେ ଘରେ ଘରେ ଦେବଦେବୀଙ୍କ ପାଖରେ ସ୍ୱତବ ପୂଜାର୍ଚ୍ଚନା କରାଯାଉଛି । ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଶ୍ରୀଶ୍ରୀହନୁମାନଙ୍କର ମଧ୍ୟ ଆଜି ଜୟନ୍ତୀ । ଅଗ୍ନି ଓ ବାୟୁର ପ୍ରକୋପରୁ ରକ୍ଷା ପାଇବାପାଇଁ ଏହି ପବିତ୍ର ଦିନରେ ପ୍ରଭୁ ହନୁମାନଙ୍କର ପୂଜା କରାଯାଇଥାଏ । ଦେଶରେ ପ୍ରଭୁ ଶ୍ରୀଶ୍ରୀହନୁମାନଙ୍କର ଜୟନ୍ତୀକୁ ଭକ୍ତିଭାବରେ ହନୁମାନ ଚାଳିଶା ପାଠ ସହିତ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଉପଲକ୍ଷେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସେ ଓଡ଼ିଶାକୁ ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଛନ୍ତି ।

ଓଡ଼ିଆ ନବବର୍ଷ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି । ଓଡ଼ିଶାର ଗୌରବକୁ ନୂଆ ଶିଖରରେ ପହଞ୍ଚାଇବା ସହିତ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ନିମନ୍ତେ ସେ ଆହ୍ୱାନ ଦେଇଛନ୍ତି ।

# ୟୁଏସ୍-ସେପାରେଟ୍ ଟାରିଫ୍

ସ୍ମାର୍ଟ୍ ଫୋନ୍, କମ୍ପ୍ୟୁଟର, ସେମିକଣ୍ଡକ୍ଟର ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯନ୍ତ୍ରାଂଶ ଆମଦାନୀ ଉପରେ ଆଗାମୀ ଦୁଇ ମାସ ମଧ୍ୟରେ ଆମେରିକା ପୃଥକ ଶୁଳ୍କ ଲାଗୁ କରିବ । ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ୍ ଲୁଟ୍‌ନିକ୍ ଗତ ରାତିରେ ଏହି ସୂଚନା ଦେଇଛନ୍ତି । ସେମିକଣ୍ଡକ୍ଟର ସମେତ ବୈଦ୍ୟୁତିକ ଯନ୍ତ୍ରାଂଶ ଆମଦାନୀକୁ ପାରସ୍ପରିକ ଶୁଳ୍କରୁ ଆମେରିକା ମୁକ୍ତ କରିବାର ଗୋଟିଏ ଦିନ ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଦକ୍ଷିଣ ଏସୀୟ ରାଷ୍ଟ୍ର ଗୁଡ଼ିକରୁ ଆମଦାନୀ ନିର୍ଭରଶୀଳତାକୁ ହ୍ରାସ କରିବା ଲକ୍ଷ୍ୟ ନେଇ ଆମେରିକା ଟେଲିଭିଜନ୍ ଫ୍ଲାଟ୍ ପ୍ୟାନେଲ୍ ଏବଂ ଚିପ୍ସ ନିର୍ମାଣ ଉପରେ ଗୁରୁତ୍ୱ ପ୍ରଦାନ କରୁଛି ବୋଲି ଶ୍ରୀ ଲୁଟ୍‌ନିକ୍ ସୂଚନା ଦେଇଛନ୍ତି ।

ସୂଚନା ଯୋଗ୍ୟ ଗତ ଶନିବାର ଦିନ ସ୍ମାର୍ଟ୍ ଫୋନ୍ ଏବଂ କମ୍ପ୍ୟୁଟର ଆମଦାନୀକୁ ନୂତନ ଶୁଳ୍କ ନୀତିରୁ ଅଲଗା କରାଯାଇଛି ବୋଲି ଆମେରିକା ସରକାର ଘୋଷଣା କରିଥିଲେ । ଆମେରିକାର ସୀମା ଶୁଳ୍କ ଏବଂ ସୀମା ସୁରକ୍ଷା ସଂସ୍ଥା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗତ ୫ ତାରିଖ ସୁଦ୍ଧା ଆମେରିକାରେ ପ୍ରବେଶ କରିଥିବା ଏହିସବୁ ସାମଗ୍ରୀ ଗୁଡ଼ିକ ଉପରେ ନିଷ୍ପତ୍ତି ଅନୁଯାୟୀ ରିହାତି ପ୍ରଦାନ କରାଯାଇଛି ।

# ଇଣ୍ଡିଆ-ଜର୍ମାନୀ

ଜର୍ମାନୀର ବାଭାରିଆ ରାଜ୍ୟର ମିନିଷ୍ଟର-ପ୍ରେସିଡେଣ୍ଟ ମାର୍କସ୍ ସୋଡର୍ ଗତକାଲି ନୂଆଦିଲ୍ଲୀ ଠାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଉଭୟ ନେତାଙ୍କ ମଧ୍ୟରେ ବୈଷୟିକ ଜ୍ଞାନକୌଶଳ ଏବଂ ଦକ୍ଷତା ବିକାଶ ଉପରେ ଆଲୋଚନା ହୋଇଛି । ଜର୍ମାନୀ ଏବଂ ୟୁରୋପୀ ସଂଘ ସହିତ ଭାରତର ସହଯୋଗକୁ ସୁଦୃଢ଼ କରିବାରେ ବାଭାରିଆ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ଆଲୋଚନାରେ ଉଭୟ ନେତା ୟୁରୋପୀୟ ବିକାଶ, ଭାରତ-ପ୍ରଶାନ୍ତ ମହାସାଗରୀୟ ପ୍ରସଙ୍ଗ ଉପରେ ମତବିନିମୟ କରିଥିଲେ । ଶ୍ରୀ ସୋଡର୍ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ଭାବନ କ୍ଷେତ୍ରରେ ଭାରତ-ଜର୍ମାନ ସହଯୋଗ ନେଇ ମନ୍ତ୍ରୀ ଡକ୍ଟର ସିଂହ ଆଲୋଚନାକାଳରେ ଗୁରୁତ୍ୱାରୋପ କରିଥିଲେ । କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ୍ ଟେକ୍ନୋଲୋଜି, ବାୟୋ ଟେକ୍ନୋଲୋଜି, ସ୍ୱଚ୍ଛ ଶକ୍ତି, ସବୁଜ ହାଇଡ୍ରୋଜେନ୍ ଆଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ସମ୍ଭାବନା ଉପରେ ଉଭୟ ନେତା ଆଲୋଚନା କରିଥିବା ଜଣାପଡ଼ିଛି ।

## ଡିଆର୍‌ଡିଓ

ଲେଜର ଭିତ୍ତିକ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ବ୍ୟବହାର କରି ଶତ୍ରୁ ପକ୍ଷର ବିମାନ, କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍‌କୁ ପ୍ରତିହତ କରିବାରେ ଭାରତ ସଫଳତା ହାସଲ କରିଛି । ଏଥିସହ ଆମେରିକା, ଚୀନ୍ ଏବଂ ରୁଷ ପରେ ଭାରତ ଚତୁର୍ଥ ରାଷ୍ଟ୍ର ଭାବେ ଏହି ତାଲିକାରେ ସାମିଲ ହୋଇଛି । ପ୍ରଥମଥର ପାଇଁ ୩୦ କିଲୋୱାଟ୍ ଲେଜର ଭିତ୍ତିକ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ବ୍ୟବହାର କରି ଫିକ୍ସଡ୍‌ୱିନ୍ ବିମାନ, କ୍ଷେପଣାସ୍ତ୍ର ଏବଂ ସ୍ୱାର୍ମ୍ ଡ୍ରୋନ୍‌କୁ ପ୍ରତିହତ କରିବାରେ ସାମର୍ଥ୍ୟ ପ୍ରଦର୍ଶନ କରିଛି । ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ୍ ଠାରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ଡି.ଆର୍.ଡି.ଓ. ପକ୍ଷରୁ ଏହି ସଫଳ ପରୀକ୍ଷଣ ଗତକାଲି ଅନୁଷ୍ଠିତ ହୋଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍'ରେ ଆଜି ରାତି ସାଢ଼େ ୯ଟାରେ 'ଗ୍ରୀଷ୍ମ ପ୍ରବାହ ସମୟରେ ସୁରକ୍ଷିତ ରହିବା' ଶୀର୍ଷକ ଆଲୋଚନାର ସିଧାସଳଖ ପ୍ରସାରଣ କରାଯିବ। ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ ଡକ୍ଟର ଆର୍.କେ ଜେନାମଣି ଏବଂ ଲେଡି ହାର୍ଡିଂଗେ ମେଡିକାଲ କଲେଜର ମେଡିସିନ୍ ବିଭାଗର ପ୍ରଫେସର ଡାକ୍ତର ଅନୁପମ ପ୍ରକାଶ ଏହି ଆଲୋଚନାରେ ଅଂଶଗ୍ରହଣ

କରିବେ। ଏହି କାର୍ଯ୍ୟକ୍ରମରେ ଶ୍ରୋତାମାନେ ସେମାନଙ୍କର ଆଲୋଚନ ପ୍ରସଙ୍ଗ ସମ୍ପର୍କିତ ପ୍ରଶ୍ନ ବିଶେଷଜ୍ଞମାନଙ୍କୁ ପଚାରିବାର ସୁଯୋଗ ପାଇବେ।

ଟେଲିଫୋନ୍ ନମ୍ବର ୦୧୧- ୨୩୪-୨୧-୦୫୦ ଓ ୦୧୧-୨୩୩-୧୪୪୪୪ ମାଧ୍ୟମରେ ସ୍ରୋତାମାନେ ରାତି ସାଢ଼େ ୯ଟାରୁ ସେମାନଙ୍କ ପ୍ରଶ୍ନ ପଚାରିପାରିବେ।

ସେହିପରି ହ୍ୱାଟ୍ସଆପ୍ ମାଧ୍ୟମରେ ୯୨୮-୯୦୯-୪୦୪୪ ନମ୍ବରକୁ ପ୍ରଶ୍ନ ପଠାଇପାରିବେ କିମ୍ବା **askair** ହ୍ୟାସଟ୍ୟାଗ୍ ସହ ଏକ୍ସ ମାଧ୍ୟମରେ ପ୍ରଶ୍ନ ପୋଷ୍ଟ କରିପାରିବେ।

# ଗାବୋନ ରାଷ୍ଟ୍ରପତି

କେନ୍ଦ୍ରୀୟ ଆଫ୍ରିକୀୟ ରାଷ୍ଟ୍ର ଗାବୋନରେ ରାଷ୍ଟ୍ରପତି ଭାବେ ବ୍ରିସ୍ ଓଲିଗୁଇ ଏନ୍‌ଗୁଏମା ନିର୍ବାଚିତ ହୋଇଛନ୍ତି । ପଶ୍ଚିମ କେନ୍ଦ୍ରୀୟ ଆଫ୍ରିକୀୟ ଦେଶର ଆଭ୍ୟନ୍ତରୀଣ ମନ୍ତ୍ରୀ ଗତକାଲି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଶନିବାର ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ଶ୍ରୀ ଏନ୍‌ଗୁଏମା ୯୦ ପ୍ରତିଶତରୁ ଅଧିକ ଭୋଟ୍ ପାଇ ବିଜୟୀ ହୋଇଛନ୍ତି ।

ସୂଚନା ଯୋଗ୍ୟ ଗତ ୨୦୨୩ ଅଗଷ୍ଟ ମାସରେ ଗାବେନ୍‌ରେ ବିଦ୍ରୋହର ନେତୃତ୍ୱ ନେଇ ସାମରିକ ନେତା ଏନ୍‌ଗୁଏମା ତତ୍କାଳୀନ ରାଷ୍ଟ୍ରପତି ଅଲୀ ବଙ୍ଗୋ ଓନ୍‌ଡିମ୍ବାଙ୍କୁ କ୍ଷମତାଚ୍ୟୁତ କରିଥିଲେ ।

ଗାବୋନ୍‌ରେ ବୋଙ୍ଗୋ ପରିବାରର ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଧରି ଶାସନର ଅନ୍ତ ଘଟାଇ ଶ୍ରୀ ଏନ୍‌ଗୁଏମା ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେଇଥିଲେ । ୧୯ ମାସ ପରେ ନିର୍ବାଚନରେ ବିଜୟ ହାସଲ କରି ଶ୍ରୀ ଏନ୍‌ଗୁଏମା ନିଜର କ୍ଷମତାକୁ ଅଧିକ ସୁଦୃଢ଼ କରିଛନ୍ତି । ନିର୍ବାଚନରେ ବିଜୟୀ ହେବା ପରେ ରାଷ୍ଟ୍ରପତି ଏନ୍‌ଗୁଏମା ତୈଳ ସମ୍ପନ୍ନ ଗାବୋନ୍‌କୁ କୃଷିଶିଳ୍ପ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହୋଇଛି । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ଦିଲ୍ଲୀ କ୍ୟାପିଟାଲ୍ସକୁ ୧୨ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ମୁମ୍ବାଇ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୫ ଓ୍ୱିକେଟ୍ ବିନିମୟରେ ମୁମ୍ବାଇ ୨୦୫ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ତିଲକ ବର୍ମା ସର୍ବାଧିକ ୫୯ରନ୍ ସଂଗ୍ରହ କରିଥିଲେ । ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ ୧୯ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇ ୧୯୩ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ କରୁଣ ନାୟର ସର୍ବାଧିକ ୮୯ରନ୍ ସଂଗ୍ରହ କରିଥିଲେ । ମୁମ୍ବାଇ ପକ୍ଷରୁ କରଣ ଶର୍ମା ୩ଟି ଓ୍ୱିକେଟ୍ ହାସଲ କରିଥିବା ବେଳେ ସାଣ୍ଟେନର୍

୨ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । କରନ୍ ଶର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

ଗତକାଲିର ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ' ରାଜସ୍ଥାନ ରୟାଲ୍ସକୁ ୯ ଓ୍ୱିକେଟ୍‌ରେ ପରାସ୍ତ କରିଥିଲା ।

ଆଜି ଲକ୍ଷ୍ନୌର ଏକନା ଷ୍ଟାଡିୟମ୍ ଠାରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ଏବଂ ଚେନ୍ନାଇ ସୁପରକିଙ୍ଗସ୍ ମଧ୍ୟରେ ସନ୍ଧ୍ୟା ସାଢ଼େ ୭ଟାରେ ମ୍ୟାଚ୍ ଖେଳାଯିବ ।

## ଗାଙ୍ଗୁଲି-ଆଇସିସି

ଆଇସିସି ପୁରୁଷ କ୍ରିକେଟ୍ କମିଟିର ଅଧ୍ୟକ୍ଷ ଭାବେ ସୌରଭ ଗାଙ୍ଗୁଲି ପୁନଃ ନିଯୁକ୍ତ ହୋଇଛନ୍ତି । ତାଙ୍କ ସହ ଭି.ଭି.ଏସ୍. ଲକ୍ଷ୍ମଣ ଅନ୍ୟତମ ପ୍ୟାନେଲ୍ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ସୌରଭ ଗାଙ୍ଗୁଲି ଭାରତ ପୁରୁଷ କ୍ରିକେଟ୍ ଟିମ୍‌ର ଅଧିନାୟକ ଭାବେ ୨୦୦୦ରୁ ୨୦୦୫ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ । ୨୦୨୧ ମସିହାରେ ଆଇସିସି ପୁରୁଷ କ୍ରିକେଟ୍ କମିଟିର ଅଧ୍ୟକ୍ଷ ଭାବେ ପ୍ରଥମେ ଦାୟିତ୍ୱ ଗ୍ରହଣ କରିଥିଲେ । ସେ ଭାରତର ପୂର୍ବତନ କ୍ରିକେଟ୍ ଖେଳାଳି ଅନିଲ କୁମ୍ବଲେଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ ।